**OFFICE OF THE TAHASILDAR, PADAMPUR, DIST-BARGARH**

Letter No. 3277./ Dt. 18-10-2022

To,

Director, I& P.R. Department, Odisha, Bhubaneswar

Sub : Publication of text advertisement regarding lease auction notice of Minor Minerals Sairat Sources under Padampur Tahasil on daily newspapers.

Sir,

Enclosed, please find herewith a text advertisement bearing No. 3276/ date.18.10.2022 relating to lease auction notice of Minor Minerals on Sairat Sources under Padampur Tahasil for publication in the daily newspapers Sambad & Samaj.

You are, therefore, requested to do the needful for publication of the advertisement in both the daily newspapers Sambad & Samaj.

Encl : As above.

Yours faithfully,

Tahasildar, Padampur
18/10/2022
TAHASILDAR
PADAMPUR

Memo No. 3278 / Dt. 18-10-2022

Copy submitted to the Collector, Bargarh for favour of kind information.

Tahasildar, Padampur
18/10/2022
TAHASILDAR
PADAMPUR

Memo No. 3279 / Dt. 18-10-2022

Copy submitted to the D.I.O. NIC, Bargarh to web hoist in the district website (www.bargarh.nic.in) for advertisement of the above auction notice.

Tahasildar, Padampur
18/10/2022
TAHASILDAR
PADAMPUR

Memo No. 3280 / Dt. 18-10-2022

Copy submitted to the Sub-Collector, Padampur / All the B.D.Os of Bargarh District / All the Tahasildars of Bargarh District / E.O. NAC, Padampur/ All R.Is under Padampur Tahasil for information and publication in their Office notice board for wide publicity.

Tahasildar, Padampur
18/10/2022
TAHASILDAR
PADAMPUR

Memo No. 3281 / Dt. 18-10-2022

Copy submitted to the Sarapanch, Mahulpali G.P. for publication in the Office notice board as well as in the conspicuous place for wide publicity.

Tahasildar, Padampur
18/10/2022
TAHASILDAR
PADAMPUR

# ତହସିଲ କାର୍ଯ୍ୟାଳୟ, ପଦ୍ମପୁର, ଜି.ବରଗଡ଼।

## ବିଜ୍ଞାପନ ସଂଖ୍ୟା.3276../ ତା. 18.10.2022

## (ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ୍ ନିମନ୍ତେ ଇସ୍ତାହାର)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପଦ୍ମପୁର ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସଗୁଡିକ OMMC Rules-2016, OMMC (Amendment) Rules-2018 ଓ OMMC (Amendment) Rules-2022 ମୁତାବକ ଦୀର୍ଘମିଆଦୀ ଲିଜ ସୂତ୍ରରେ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନକରା ଯାଉଅଛି I ଆଗ୍ରହୀ ବ୍ୟକ୍ତି ବିଶେଷ OMMC Rules-2016 ରେ ପ୍ରଦତ୍ତ (Form-M)ରେ 3 (ତିନି) କପି ଆବେଦନ ପତ୍ର ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ କରି ସିଲ ଲଫାଫା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର, ପଦ୍ମପୁରଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ Speed Post/Regd. Post ମାଧ୍ୟମରେ ପ୍ରେରଣ କରିବେ ଯାହାକି ତା. 04.11.2022 ରିଖ ଅପରାହ୍ନ 05.00 ଘଟିକା ପର୍ଯ୍ୟନ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ପ୍ରାପ୍ତ ହେବା ଆବଶ୍ୟକ I ତା.05.11.2022 ରିଖ ଦିବା. 11.00 ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ୍ ଧାରୀ ଚୟନ କରାଯିବ I ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ I ଯେଉଁ ଉତ୍ସ ଗୁଡିକର ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳିନଥିବ କିମ୍ବା ଲିଜ୍ ଚୂଡାନ୍ତ ହୋଇ ନ ଥିବ ସେହି ଉତ୍ସ ଗୁଡିକ ପାଇଁ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା. 10.11.2022 ରିଖ ଓ ତା. 15.11.2022 ରିଖ ଅପରାହ୍ନ 05.00 ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଯଥାକ୍ରମେ ତା. 11.11.2022 ଓ ତା. 16.11.2022 ଦିନ ଦିବା.11.00 ଘଟିକା ସମୟରେ ପୂର୍ବମତେ ଦରଖାସ୍ତ ଗୁଡିକୁ ତନଖି କରାଯିବ I ଏହାର ସବିଶେଷ ବିବରଣି ଜିଲ୍ଲା website : (www.bargarh.nic.in) ରେ ଉପଲବ୍ଧ I ଏତଦ୍ ବ୍ୟତୀତ ସୈରାତ ଉତ୍ସଗୁଡିକର ବିଶଦ ବିବରଣୀ ତହସିଲ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟଦିବସରେ ମଧ୍ୟ ଦେଖି ପାରିବେ I

ତହସିଲଦାର, ପଦ୍ମପୁର
18/10/2022

TAHASILDAR
PADAMPUR

# ତହସିଲ ପଦ୍ମପୁର ଅନ୍ତର୍ଗତ ସୈରାତ ଉତ୍ସଗୁଡିକର ସାରଣୀ

| କ୍ରମିକ ସଂଖ୍ୟା | ଲଘୁ ଖଣିଜ ଉତ୍ସର ନାମ | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | ଜମିର କିସମ | ଆବଣ୍ଟିତ ରକବା | ରୟାଲଟି ଦେୟ ପ୍ରତି ଘନ ମିଟର (in.Rs.) | ଅତିରିକ୍ତ ଦେୟ ପ୍ରତି ଘନ ମିଟର (in.Rs.) | ମୋଟ ଦେୟ ପ୍ରତି ଘନ ମିଟର (in.Rs.) | ଅନ୍ୟୁନ ଉତ୍ତୋଳନ ପରିମାଣ (MGQ in CuM | ଅମାନତ ଅଗ୍ରିମ ରାଶି ଯାହାକି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରାଯିବ (in.Rs.) |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | କୁମୁନିବାହାଲି (କ) ବାଲି ଖାଦାନ | କୁମୁନିବାହାଲି | 99 | 64 (P) | ନଦୀ | 08.00 | 35.00 | 100.00 | 135.00 | 5000 | 35000.00 |
| 2 | କୁମୁନିବାହାଲି (ଖ) ବାଲି ଖାଦାନ | କୁମୁନିବାହାଲି | 99 | 64 (P) | ନଦୀ | 08.00 | 35.00 | 100.00 | 135.00 | 5000 | 35000.00 |

ତହସିଲଦାର, ପଦ୍ମପୁର
18/10/2022

TAHASILDAR
PADAMPUR

# ବିଶେଷ ସର୍ତ୍ତାବଳୀ

1. ଆବେଦନକାରୀ/ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, OMMC Rules-2016, OMMC (Amendment) Rules-2018 ଓ OMMC (Amendment) Rules-2022ର ପରିସର ଭୁକ୍ତ ରହିବେ I

2. ପ୍ରଚଳିତ ନିୟମ ଅନୁଯାୟୀ ଅତିରିକ୍ତ ଦେୟ (Additional Charge)ର ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ I ଯଦି ଏକ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧମରେ ଲିଜଧାରୀଙ୍କୁ ଚୟନ କରାଯିବ I

3. ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ ଉତ୍ସ ଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ I ଲିଜ୍ ନେବା ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ I

4. ଲିଜ୍ ସୂତ୍ରେ ନେବାକୁ ଆଗ୍ରହୀ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ଵାରା ଅତିରିକ୍ତ ଦେୟ (Additional Charge) ର ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ ଦରଖାସ୍ତଟି ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ I

5. ଲିଜ୍ ନିମନ୍ତେ ଯୋଗ୍ୟ ସୈରାତ ଉତ୍ସର ବାର୍ଷିକ ଦେୟ {Minimum Guarantee Quantity X (Royalty + Additional Charges)}+ Amount of Contribution payable to DMF ର ଏକ ଚତୁର୍ଥାଂଶ ରାଶି (EMD କୁ ବାଦ ଦେଇ) ଲିଜ୍ ଚୁଡାନ୍ତ ହେବାର 15 ଦିନ ମଧରେ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହୀନ ଅମାନତ ରାଶି (Security) ହିସାବରେ ରଖାଯିବ I

6. Environment Clearance (E.C.) ମଞ୍ଜୁରି ପରେ ଲିଜ୍ ଧାରୀ ଏକ ବର୍ଷ ପାଇଁ Surface Rent, Dead Rent ଏବଂ Royalty ର 5% EMF, 10% District Mineral Foundation (DMF) ଏବଂ 2% TCS (IT) ଓ ପ୍ରଯୁଜ୍ୟ GST ବାବଦକୁ ରାଶି ପୈଠ କରିବେ I ସଂପୁର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍ ଧାରୀ ରେଜିଷ୍ଟ୍ରେଷନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତି ପତ୍ର ନିଜ ଖର୍ଚ୍ଚରେ ସଂପାଦନ କରିବେ I

7. ଯଦି ଯୋଗ୍ୟ ବିବେଚିତ ବ୍ୟକ୍ତି ଚୁକ୍ତି ସମ୍ପାଦନ ପୂର୍ବରୁ ଦେୟ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ I

8. ଯଦି ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତେ ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ I

9. ଦରଖାସ୍ତକାରୀ Mines Act. 1952 ଓ Explosive Act. 1984 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ I

TAHASILDAR
PADAMPUR

10. ଲିଜ୍ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ ଓ ସମ୍ମୁଖ ଭାଗରେ ପ୍ରତିଫଳକ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ I ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜ୍ ଧାରୀ ନିଜ ଖର୍ଚ୍ଚରେ କରିବେ I

11. Reserve Assessment Report, Mining Plan and Environmental Clearance ବାବଦକୁ ହୋଇଥିବା ଖର୍ଚ୍ଚ ଲିଜ୍ ଧାରୀ ନିଜେ ବହନ କରିବେ I

12. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ I କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରି ପାରିବେ ନାହିଁ I କାର୍ଯ୍ୟାଦେଶ ନ ପାଇଲା ପର୍ଯ୍ୟନ୍ତ ସୈରାତ ଉତ୍ସରୁ ଉତ୍ତୋଳନ ଓ ପରିବହନ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟକୁ ବେଆଇନ ଧରାଯିବ I

13. କୌଣସି କାରଣ ନ ଦର୍ଶାଇ ଲିଜ୍ ବାତିଲ ବା ସ୍ଥଗିତ କରି ପାରିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପରିସର ଭୁକ୍ତ ଅଟେ I

14. ଯେ କୌଣସି ମୂହୁର୍ତ୍ତରେ ଯଦି ନିୟମରେ କିଛି ପରିବର୍ତ୍ତନ ଘଟେ ତେବେ, ଲିଜ ଧାରୀ ପରିବର୍ତ୍ତିତ ନିୟମ ମାନିବାକୁ ବାଧ୍ୟ ହେବେ I

15. ଲିଜ୍ ସମ୍ବନ୍ଧିୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖି ପାରିବେ I ଏହା ବ୍ୟତୀତ ଇସ୍ତାହାରର ସମସ୍ତ ବିବରଣୀ ଜିଲ୍ଲା website : (www.bargarh.nic.in)ରେ ମଧ୍ୟ ଦେଖିପାରିବେ ।

ତହସିଲଦାର, ପଦ୍ମପୁର
18/10/2022

TAHASILDAR
PADAMPUR

## (ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍)

1. ଦରଖାସ୍ତ ପାଉଣା ବାବଦ ଟ.1000.00 (ଏକ ହଜାର ଟଙ୍କା ମାତ୍ର) (ଅଣ-ଫେରସ୍ତ) ଟ୍ରେଜେରୀ ଚାଲାଣ (Head of Account-0853-Non-Ferous Mining and Metallurgical Industries-102 Mineral Concession Fees, Rents and Royalties) ରେ ଦାଖଲ କରିବେ I

2. Earnest Money ପାଇଁ Demand Draft (in favour of Tahasildar, Padampur) ଯାହାର ମୂଲ୍ୟ ଅତିରିକ୍ତ ଚାର୍ଜ (Addl. Charge) ଏବଂ Royalty (ଏକ ବର୍ଷ) ର 5% ଠାରୁ କମ୍ ହୋଇନଥିବ I [EMD = 5% of {Minimum Guaranteed Quantity X (Royalty + Additional Charges)}]

3. ଆବେଦନ କରିଥିବା ଲିଜ୍ ଜମିର ସମ୍ପୁର୍ଣ୍ଣ ବିବରଣୀ ଓ ନକ୍ସା ।

4. କୌଣସି ମାଇନିଂ ବାବଦକୁ ବକେୟା ଦେୟ ନ ଥିବା ନେଇ ଏକ ସତ୍ୟପାଠ କରିବେ I

5. ଆବେଦନ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି ।

6. ଆବେଦନକାରୀ ବାର୍ଷିକ ସର୍ବ ନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ Minimum Guaranteed Quantity (MGQ) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇବା ଅତିରିକ୍ତ ଦେୟ ଏବଂ ରୟାଲଟି ସମପରିମାଣର Bank Guarantee ଯାହାର ଅବଧି ଅନ୍ତତଃ 18ମାସ ହେବା ଆବଶ୍ୟକ । (Requisite Extent of Bank Guarantee = Minimum Guaranteed Quantity (MGQ) X (Offered Additional Charge + Royalty) କିମ୍ବା ପୂର୍ବ ଆର୍ଥିକ ବର୍ଷର IT Return ଯାହା କି ଦର୍ଶାଇବା ଅତିରିକ୍ତ ଦେୟ ଏବଂ ଧାର୍ଯ୍ୟ ହୋଇଥିବା ରୟାଲଟିର ବାର୍ଷିକ ସର୍ବନିମ୍ନ ଉତ୍ତୋଳନ ପରିମାଣ ଯାହାର ଅବଧି ଏକ ବର୍ଷ ହୋଇଥିବା ଦରକାର ।

7. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତିର ବିବରଣୀ ଦାଖଲ କରିବେ ।

8. ଚଳିତ ବର୍ଷର G.S.T. Clearance Certificate ର ନକଲ ଏବଂ ଚଳିତ ବର୍ଷର IT Return Certificate ଦାଖଲ କରିବେ ।

9. ଭୋଟର ପରିଚୟ ପତ୍ର କିମ୍ବା ଆଧାର ପରିଚୟ ପତ୍ରର ନକଲ ପ୍ରଦାନ କରିବେ ।

10. ପୂର୍ବ ନିଲାମଦେୟ ବକେୟା ରଖିଥିବା ବ୍ୟକ୍ତି ନିଲାମରେ ଅଂଶ ଗ୍ରହଣ କରିପାରିବେ ନାହିଁ ।

କର୍ତ୍ତୃପକ୍ଷଙ୍କ କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କିମ୍ବା ସ୍ଥଗିତ କରିବାର ଅଧିକାର ଅଛି ।

ତହସିଲଦାର,
ପଦ୍ମପୁର

14/10/2022

TAHASILDAR
PADAMPUR